# NATIONAL NEWS BULLETIN (ODIA)

**2 April- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଗତ ହେଲା ଓ୍ୱାକଫ୍ ସଂଶୋଧନ ବିଲ୍

– ଓ୍ୱାକଫ ବୋର୍ଡର କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଏବଂ ଓ୍ୱାକଫ ସମ୍ପତ୍ତିର ସୁପରିଚାଳନାକୁ ଦୃଷ୍ଟିରେ ରଖି ଏହି ବିଲ୍ ଆଗତ କରାଯାଇଛି, କହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ

- ଦେଶର ଭାବନା ସହିତ ମିଳିମିଶି କାମ କରିବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଲେ ଯୁବବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ

- ଦେଶବ୍ୟାପୀ ୪ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧିପାଇଲା ଟୋଲ୍ ଶୁଳ୍କ

- ଆମେରିକାରେ ଆଜିଠାରୁ ଲାଗୁ ହେବ ନୂଆ ଶୁଳ୍କ ନୀତି

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ହେବ ମୁକାବିଲା

---

## ଓ୍ୱାକଫ୍ ସଂଶୋଧନ ବିଲ୍

ଲୋକସଭାରେ ଓ୍ୱାକଫ ସଂଶୋଧନ ବିଲ୍ ଆଗତ ହୋଇଛି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବିଲ୍ ଆଗତ କରି କହିଛନ୍ତି, ଓ୍ୱାକଫ ବୋର୍ଡର କାର୍ଯ୍ୟକୁ ସୁବ୍ୟବସ୍ଥିତ କରିବା ଏବଂ ଓ୍ୱାକଫ୍ ସମ୍ପତ୍ତିର

ସୁପରିଚାଳନାକୁ ଦୃଷ୍ଟିରେ ରଖି ଏହି ବିଲ୍ ଆଗତ କରାଯାଇଛି । ଏହି ବିଲ୍ ମସ୍‌ଜିଦ୍‌ଗୁଡ଼ିକର ପରିଚାଳନା ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ଶ୍ରୀ ରିଜିଜୁ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ଏହି ବିଲ୍ ଅନୁଯାୟୀ ୱାକଫ ବୋର୍ଡରେ ମୁସଲମାନ ସଂପ୍ରଦାୟ, ମହିଳା ଏବଂ ଅନ୍ୟ ଅଂଶୀଦାର ପ୍ରତିନିଧି ସଦସ୍ୟ ରହିବେ । ବିଲ୍‌କୁ ନେଇ ବିରୋଧୀ ଦଳ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି । ସେ କହିଛନ୍ତି ୨୦୧୩ରେ ୟୁପିଏ ଶାସନ ସମୟରେ ୱାକଫ୍ ଆଇନରେ ହୋଇଥିବା ସଂଶୋଧନ ଅନ୍ୟ ଆଇନ ଗୁଡ଼ିକ ଉପରେ ଅଧିକ ପ୍ରଭାବ ପକାଇଥିଲା । କଂଗ୍ରେସ ଶାସନ ସମୟରେ ଦିଲ୍ଲୀର ପ୍ରମୁଖ ଅଞ୍ଚଳରେ ଥିବା ମୋଟ୍ ୧୨୩ଟି ସମ୍ପତ୍ତି ଦିଲ୍ଲୀ ୱାକଫ ବୋର୍ଡକୁ ହସ୍ତାନ୍ତର କରାଯାଇଥିଲା ବୋଲି ସେ କହିଛନ୍ତି । ଯୁଗ୍ମ ସଂସଦୀୟ କମିଟି ବିଭିନ୍ନ କ୍ଷେତ୍ରରୁ ମତାମତ ଗ୍ରହଣ କରିବା ପରେ ସେମାନଙ୍କର ସୁପାରିଶ ସରକାରଙ୍କୁ ପ୍ରଦାନ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ରିଜିଜୁ ଗୃହରେ କହିଛନ୍ତି ।

**V/O**

---

# ପିଏମ୍-ନବରାତ୍ରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନବରାତ୍ରି ଯାତ୍ରା ଅବସରରେ ମାଆ ଅମ୍ବେଙ୍କ ପୂଜାର୍ଚ୍ଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଏକ ପ୍ରାର୍ଥନାକୁ ପୋଷ୍ଟ କରି ସମସ୍ତେ ମାଆ ଅମ୍ବେଙ୍କ ପୂଜାର୍ଚ୍ଚନା କରିବା ସହ ପ୍ରାର୍ଥନା ଶୁଣିବାକୁ ଅନୁରୋଧ କରିଛନ୍ତି ।

---

# ୟୁଥ୍ ପାର୍ଲାମେଣ୍ଟ-ମାଣ୍ଡବ୍ୟ

ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଯୁବବର୍ଗଙ୍କୁ ଦେଶର ଭାବନା ସହିତ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀରେ ଆଜି ଆୟୋଜିତ ଭାରତ ଯୁବ ସଂସଦରେ ଉଦ୍‌ବୋଧନ ଦେଇ ଡକ୍ଟର ମାଣ୍ଡବ୍ୟ କହିଛନ୍ତି, ଦେଶକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବୁଝିବାରେ ଏହି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି ।

**V/O**

ଏହି ଦୁଇଦିନିଆ କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି **ବିକଶିତ ଭାରତ : ଦେଶର ଅଭିବୃଦ୍ଧିରେ ଯୁବବର୍ଗଙ୍କ ଯୋଗଦାନ** । ୩୦୦ଟି ଜିଲ୍ଲାରୁ ମନୋନୀତ ଯୁବକଯୁବତୀ ଏଥିରେ ଅଂଶ ଗ୍ରହଣ କରୁଛନ୍ତି । ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ରାଜନୀତି ସହିତ ଦେଶର ସାର୍ବଜନୀନ ନୀତିଗୁଡ଼ିକ ସହିତ ଯୋଡ଼ିହେବା ପାଇଁ ଏହି କାର୍ଯ୍ୟକ୍ରମ ଏକ ଶକ୍ତିଶାଳୀ ମଞ୍ଚ ଭାବେ କାର୍ଯ୍ୟ କରିବ । ଶାସନ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବବର୍ଗଙ୍କୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ ବୋଲି ଆଶା କରାଯାଇଛି ।

---

# ଜେକେ-ଶାହା

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସନ୍ତା ୭ ଓ ୮ ତାରିଖରେ ଜାମ୍ମୁକାଶ୍ମୀର ଗସ୍ତରେ ଯାଇ ସୁରକ୍ଷା ସ୍ଥିତିର ସମୀକ୍ଷା କରିବେ । ଏହି ଅବସରରେ ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବା ସହ ପରିସ୍ଥିତି ନେଇ ବିସ୍ତୃତ ଆଲୋଚନା ହେବ । ମନ୍ତ୍ରୀ ଶ୍ରୀ ଶାହା ପୋଲିସ୍, କେନ୍ଦ୍ରୀୟ ସଶସ୍ତ୍ର ପୋଲିସ୍ ବାହିନୀ ଏବଂ ଗୁଇନ୍ଦା ସଂସ୍ଥାର ବରିଷ୍ଠ

ଅଧିକାରୀମାନଙ୍କ ସହ ଏହି ବୈଠକରେ ମତ ବିନିମୟ କରିବେ । ଆତଙ୍କବାଦ ବିରୋଧୀ ଅଭିଯାନ, ସୀମା ପାର ଅନୁପ୍ରବେଶ ଏବଂ ଜାମ୍ମୁ କାଶ୍ମୀରର ସାମଗ୍ରିକ ସୁରକ୍ଷା ଦିଗରେ ଉପରେ ବୈଠକରେ ଆଲୋଚନା ହେବାର ଆଶା କରାଯାଉଛି । ଏହି ଗସ୍ତ ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଆନ୍ତର୍ଜାତିକ ସୀମାର ଆଗୁଆ ଅଞ୍ଚଳ ଗସ୍ତ କରି ସୁରକ୍ଷା ବ୍ୟବସ୍ଥାର କ୍ଷେତ୍ରୀୟ ସମୀକ୍ଷା କରିବାର କାର୍ଯ୍ୟସୂଚୀ ରହିଛି । ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଏହି ଗସ୍ତ ଅବସରରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବେ ।

---

## ଟୋଲ୍ ହାଇକ୍

ଦେଶ ବ୍ୟାପୀ ଟୋଲ୍ ଶୁଳ୍କ ୪ରୁ ୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ଶୁଳ୍କ ବୃଦ୍ଧି ତୁରନ୍ତ ଲାଗୁ ହୋଇଥିବା ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ-ଏନ୍‌ଏଚ୍‌ଏଆଇ ସୂଚନା ଦେଇଛି । ରାଜପଥଗୁଡ଼ିକର ରକ୍ଷଣାବେକ୍ଷଣ ଏବଂ ସଂପ୍ରସାରଣକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଏନ୍‌ଏଚ୍‌ଆଇ କହିଛି । ଏହି ସଂଶୋଧିତ ଦର ଏକ୍ସପ୍ରେସ୍ ଓ୍ୱେ ଏବଂ ଜାତୀୟ ରାଜପଥଗୁଡ଼ିକ ପାଇଁ ଲାଗୁ କରାଯାଇଛି ।

---

## ୟୁଏସ୍-ଟାରିଫ୍

ଆମେରିକାରେ ଆଜିଠାରୁ ନୂଆ ଶୁଳ୍କ ନୀତି ଲାଗୁ ହେବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ସ୍ପଷ୍ଟ କରାଯାଇଛି । ହ୍ୱାଇଟ୍ ହାଉସ୍ ମୁଖପାତ୍ର କାରୋଲିନ୍ ଲିଭିଟ୍ କହିଛନ୍ତି, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜିଠାରୁ ଏହି ପରିବର୍ଦ୍ଧିତ ନୀତି ଲାଗୁ କରିବେ । ଆମେରିକୀୟ ସାମଗ୍ରୀ ଉପରେ ଶୁଳ୍କ

ବୃଦ୍ଧି କରିଥିବା ଦେଶଗୁଡ଼ିକ କ୍ଷେତ୍ରରେ ଏହି ନୂତନ ଶୁଳ୍କ ନୀତି ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପଙ୍କ ଘୋଷଣା ପରେ ପରେ ତୁରନ୍ତ ଲାଗୁ ହେବ ।

ତେବେ ଅଟୋ ଆମଦାନୀ କ୍ଷେତ୍ରରେ ୨୫ ପ୍ରତିଶତ ବର୍ଦ୍ଧିତ ଶୁଳ୍କ ଆସନ୍ତାକାଲିଠାରୁ ଲାଗୁ ହେବ ବୋଲି ସେ ସୂଚନା ଦେଇଛନ୍ତି । ପୂର୍ବରୁ ରାଷ୍ଟ୍ରପତି ଟ୍ରମ୍ପ ଏପ୍ରିଲ୍ ୨ ତାରିଖକୁ ମୁକ୍ତି ଦିବସ ଭାବେ ନାମିତ କରିଥିଲେ । ସେ କହିଥିଲେ, ଏହି ଶୁଳ୍କ ନୀତି ଆମେରିକାକୁ ବିଦେଶୀ ସାମଗ୍ରୀ ଉପରେ ନିର୍ଭରଶୀଳତାରୁ ମୁକ୍ତ କରିବ । ଆମେରିକା କାରବାର କରୁଥିବା ସମସ୍ତ ଦେଶଗୁଡ଼ିକ କ୍ଷେତ୍ରରେ ଏହା ଲାଗୁ ହେବ ବୋଲି ହ୍ୱାଇଟ୍ ହାଉସ୍ ମୁଖପାତ୍ର କହିଛନ୍ତି । ହ୍ୱାଇଟ୍ ହାଉସ୍ର ବାଣିଜ୍ୟ ପରାମର୍ଶଦାତା ପିଟର ନାଭାରୋ କହିଛନ୍ତି, ଏହି ନୂତନ ଶୁଳ୍କ ନୀତି ଯୋଗୁଁ ବାର୍ଷିକ ୬ଶହ ବିଲିୟନ୍ ଡଲାର ସଂଗୃହୀତ ହୋଇପାରିବ । ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଏହା ସବୁଠାରୁ ବଡ଼ ଟିକସ ବୃଦ୍ଧି ବୋଲି ସେ କହିଛନ୍ତି ।

ଅନ୍ୟପକ୍ଷରେ ଆମେରିକାରୁ ଆମଦାନୀ କରୁଥିବା ଦ୍ରବ୍ୟଗୁଡ଼ିକ ଉପରେ ସମସ୍ତ ଶୁଳ୍କ ଛାଡ଼ କରିବାକୁ ଇସ୍ରାଏଲ୍ ଘୋଷଣା କରିଛି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଅର୍ଥ ଓ ଅର୍ଥନୀତି ମନ୍ତ୍ରଣାଳୟ ମିଳିତ ବିବୃତିରେ ଏହି ଘୋଷଣା କରିଛନ୍ତି । ଶୁଳ୍କ ହ୍ରାସ ଦୁଇଦେଶ ମଧ୍ୟରେ ରଣନୈତିକ ଭାଗିଦାରୀ ଅଧିକ ସୁଦୃଢ଼ କରିବ ବୋଲି ମିଳିତ ବିବୃତି କୁହାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଶୁଳ୍କ ନୀତି ଲାଗୁ ହେବାର ଦିନକ ପୂର୍ବରୁ ଇସ୍ରାଏଲ୍ ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ତେବେ ଇସ୍ରାଏଲ୍ର ଏହି ପଦକ୍ଷେପକୁ ସେଠାକାର ସଂସଦର ଅର୍ଥକମିଟି ଅନୁମୋଦନ କରିବାର ଆବଶ୍ୟକତା ରହିଛି ।

---

## ଗୁଜରାଟ ବ୍ଲାଷ୍ଟ

ଗୁଜରାଟରେ ଏକ ବାଣ ଗୋଦାମରେ ବିସ୍ଫୋରଣ ଘଟିବାରୁ ୨୧ ଜଣଙ୍କର ମୃତ୍ୟୁ ହୋଇଛି । ୬ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୪ ଜଣ ମହିଳା ଏବଂ ୩ ଜଣ ଶିଶୁ ଅଛନ୍ତି । ବନସ୍‌କଣ୍ଠା ଜିଲ୍ଲାର ଦିଶା ସହରରେ ବେଆଇନ ଭାବେ ଚାଲୁଥିବା ଏହି ବାଣ ଗୋଦାମରେ ଗତକାଲି ବିସ୍ଫୋରଣ ଘଟିଥିଲା । ଗୋଦାମ ମାଲିକଙ୍କ ସମେତ ୨ ଜଣଙ୍କୁ ଗିରଫ କରାଯାଇଛି ।

ମୃତାହତଙ୍କ ମଧ୍ୟରେ ମଧ୍ୟପ୍ରଦେଶର ଅନେକ ଲୋକ ଥିବା ଜଣାପଡ଼ିଛି । ଗୋଦାମ ଘର ଭୁଶୁଡ଼ି ପଡ଼ିବାରୁ ସେମାନେ ଭଗ୍ନାବଶେଷ ତଳେ ରହିଯାଇଥିଲେ । ଆହତଙ୍କୁ ଦିଶା, ପାଲମପୁର ଏବଂ ଅହମ୍ମଦାବାଦର ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି । ଗୁଜରାଟ ସ୍ୱାସ୍ଥ୍ୟମନ୍ତ୍ରୀ ହୃଷୀକେଶ ପଟେଲ କହିଚନ୍ତି, ଏହି ମାମଲାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇଛି । ମୃତକଙ୍କ ନିକଟ ସଂପର୍କୀୟଙ୍କ ଲାଗି ୪ ଲକ୍ଷ ଟଙ୍କା ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଘୋଷଣା କରିଛନ୍ତି ।

---

## ଇ.ପି.ଏଫ୍. - ମାଣ୍ଡବୀୟ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ-ଇପିଏଫ୍‌ର ବହୁମୁଖୀ କେନ୍ଦ୍ରୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଆହୁରି ୧୫ଟି ବ୍ୟାଙ୍କ୍‌କୁ ତାଲିକାଭୁକ୍ତ କରାଯାଇଛି । ଏଥିସହ ଏହି ବ୍ୟବସ୍ଥାରେ ବ୍ୟାଙ୍କ୍ ସଂଖ୍ୟା ୩୨କୁ ବୃଦ୍ଧି ପାଇଛି । ନୂଆଦିଲ୍ଲୀରେ କେନ୍ଦ୍ର ଶ୍ରମ ଓ ନିଯୋଜନ ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବୀୟଙ୍କ ଉପସ୍ଥିତିରେ ଇ.ପି.ଏଫ୍.ଓ. ଏବଂ ସମ୍ପୃକ୍ତ ବ୍ୟାଙ୍କ୍‌ଗୁଡ଼ିକ ମଧରେ ବୁଝାମଣାପତ୍ର

ସ୍ୱାକ୍ଷରିତ ହୋଇଛି । ନୂତନ ତାଲିକାଭୁକ୍ତ ୧୫ଟି ବ୍ୟାଙ୍କ୍ ମାଧ୍ୟମରେ ପ୍ରାୟ ୧୨ ହଜାର କୋଟି ଟଙ୍କା ସିଧାସଳଖ ଦେୟ ପ୍ରଦାନ ସମ୍ଭବ ହୋଇପାରିବ । ଡକ୍ଟର ମାଣ୍ଡବୀୟ କହିଛନ୍ତି, ଦେଶର ଭବିଷ୍ୟତ୍ ଗଢ଼ିବାରେ ଇ.ପି.ଏଫ୍.ଓ.ର ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ । ପ୍ରାୟ ୮ କୋଟି ସକ୍ରିୟ ସଦସ୍ୟ ଏବଂ ୭୮ ଲକ୍ଷରୁ ଅଧିକ ପେନ୍‌ସନ୍ ଭୋଗୀ ଇ.ପି.ଏଫ୍.ସ. ମାଧ୍ୟମରେ ସାମାଜିକ ସୁରକ୍ଷାର ସୁଫଳ ପାଉଛନ୍ତି । ଗତ ଆର୍ଥିକ ବର୍ଷରେ ୬ କୋଟିରୁ ଅଧିକ ଦାବିର ସମାଧାନ ହୋଇଛି ବୋଲି ଡକ୍ଟର ମାଣ୍ଡବୀୟ ସୂଚନା ଦେଇଛନ୍ତି ।

## ପଞ୍ଜାବ-ଜାଲିଆନାୱାଲାବାଗ

ଗ୍ରୀଷ୍ମ ପ୍ରକୋପକୁ ଦୃଷ୍ଟିରେ ରଖି ଐତିହାସିକ ଜାଲିଆନାୱାଲାବାଗ୍ ଭ୍ରମଣ ସମୟରେ ପଞ୍ଜାବ ସରକାର ପରିବର୍ତ୍ତନ କରିଛନ୍ତି । ସକାଳ ସାଢ଼େ୬ଟାରୁ ସନ୍ଧ୍ୟା ସାଢ଼େ୭ଟା ପର୍ଯ୍ୟନ୍ତ ଏହା ଖୋଲା ରହିବ । ତେବେ ପଞ୍ଜାବୀ ଭାଷାରେ  ଦୃଶ୍ୟ ଓ ଶ୍ରାବ୍ୟ କାର୍ଯ୍ୟକ୍ରମ ସନ୍ଧ୍ୟା ୭ଟାରୁ ସାଢ଼େ୭ଟା ମଧ୍ୟରେ ଏବଂ ହିନ୍ଦୀରେ ସନ୍ଧ୍ୟା ୭ଟା ୪୫ ରୁ ରାତି ୮ଟା ୧୫ ମିନିଟ୍ ପର୍ଯ୍ୟନ୍ତ ପ୍ରଦର୍ଶନ କରାଯିବ । ସେହିଭଳି ଭାରତ-ପାକିସ୍ତାନ ସୀମାରେ ଥିବା ଅଟାରୀ-ୱାଘା ଯୁଗ୍ମ ଚେକ୍‌ପୋଷ୍ଟରେ ଅନୁଷ୍ଠିତ ହେଉଥିବା ରି-ଟ୍ରିଟ୍ ସମାରୋହର ସମୟରେ ମଧ୍ୟ ପରିବର୍ତ୍ତନ କରାଯାଇଛି । ଏହି ସମାରୋହ ଏବେ ସନ୍ଧ୍ୟା ସାଢ଼େ ୫ଟାରେ ଆରମ୍ଭ ହେବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍.ରେ ଆଜି ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଗୁଜରାଟ୍ ଟାଇଟନ୍‌ସ ମଧ୍ୟରେ ମୁକାବିଲା ହେବ ।  ଏହି ମ୍ୟାଚ୍ ସନ୍ଧ୍ୟା

ସାଢ଼େ ୭ଟାରେ ବେଙ୍ଗାଲୁରୁର ଏମ୍. ଚିନାସ୍ୱାମୀ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ ।

ଗତକାଲିର ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ବିଜୟୀ ହୋଇଛି । ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପଞ୍ଜାବ୍ କିଙ୍ଗ୍‌ସ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ୮ ୱିକେଟ୍‌ରେ ପରାସ୍ତ କରିଛି ।

---